# NATIONAL NEWS BULLETIN (ODIA)

**12 November - 2024**

**Morning Bulletin : 7.15 a.m.**

********************************

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ।

– ଆସନ୍ତାକାଲି ୩୪ଟି ଆସନରେ ହେବ ମତଦାନ ।

- ଉଚ୍ଚ ଓ ବୈଷୟିକଶିକ୍ଷା ସମ୍ପର୍କିତ ଦୁଇ ଦିନିଆ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରିବେ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ।

- ଏସୀୟ ଭିତ୍ତିଭୂମି ନିବେଶ ବ୍ୟାଙ୍କ୍ ପ୍ରତିନିଧି ଦଳ ସହ ଭାରତୀୟ ଅର୍ଥବ୍ୟବସ୍ଥା ପ୍ରସଙ୍ଗରେ ଆଲୋଚନାକଲେ କେନ୍ଦ୍ର ଅର୍ଥମନ୍ତ୍ରୀ ।

ଏବଂ

- ମହିଳା ଏସୀୟ ହକି ଚାମ୍ପିୟନ୍ସ ଟ୍ରଫିରେ ଆଜି ହେବ ଭାରତ ଦକ୍ଷିଣ କୋରିଆ ମଧ୍ୟରେ ମୁକାବିଲା ।

## ଝାଡ଼ଖଣ୍ଡ ଇଲେକ୍ସନ୍

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି ଏହି ପର୍ଯ୍ୟାୟରେ ୪୩ଟି ଆସନରେ ମତଦାନ ହେବ।

ପୋଲିଂ ପାର୍ଟିଗୁଡ଼ିକୁ ବିଭିନ୍ନ ଭୋଟ୍ ଗ୍ରହଣ କେନ୍ଦ୍ରକୁ ପଠାଯିବା କାର୍ଯ୍ୟ ଆରମ୍ଭ ହୋଇଛି । ଭାରତୀୟ ବାୟୁସେନା ହେଲିକପ୍ଟର ଜରିଆରେ ଗତକାଲି ୨୨୫ଟି ସମ୍ବେଦନଶୀଳ ବୁଥ୍ ମଧ୍ୟରୁ ୧୯୪ଟି ବୁଥରେ ପୋଲିଂ ପାର୍ଟି ପହଞ୍ଚିସାରିଥିବା ବେଳେ ଅବଶିଷ୍ଟ ୩୦ଟି ବୁଥ୍‌ର ପୋଲିଂ ଅଫିସରଙ୍କୁ ଆଜି ପଠାଯାଉଛି। ପଶ୍ଚିମ ସିଂହଭୂମ, ଲାତେହାର, ଲୋହରଦଗା, ଗଡ଼ୱା ଓ ଗୁମଲା ଜିଲ୍ଲାର ୫ଟି ଜିଲ୍ଲାରେ ଏହି ସମ୍ବେଦନଶୀଳ ବୁଥ୍ ରହିଛି। ସମଗ୍ର ରାଜ୍ୟରେ ମୋଟ ୧୫ ହଜାର ୩୪୪ଟି ମତଦାନ କେନ୍ଦ୍ର କରାଯାଇଛି। ଅବାଧ ନିର୍ବାଚନ ପାଇଁ ସମ୍ପୃକ୍ତ ଅଞ୍ଚଳରେ ୨୦୦ରୁ ଅଧିକ ସୁରକ୍ଷା ବଳ ମୁତୟନ କରାଯାଇଛି। ୭୩ ଜଣ ମହିଳାଙ୍କ ସମେତ ୬୮୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ୧ କୋଟି ୩୭ ଲକ୍ଷରୁ ଅଧିକ ଭୋଟର ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ

ମତଦାନ କରିବେ । ଚଳିତ ମାସ ୨୦ ତାରିଖରେ ୩୮ଟି ନିର୍ବାଚନ ମଣ୍ଡଳୀରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ। ନଭେମ୍ବର ୨୩ ତାରିଖରେ ସମସ୍ତ ପର୍ଯ୍ୟାୟର ଭୋଟ୍ ଗଣତି କରାଯିବ ।

## ବାଇପୋଲ୍ସ କ୍ୟାମ୍ପେନ୍

୧୧ଟି ରାଜ୍ୟ ଏବଂ ୩୩ଟି ବିଧାନସଭା ଆସନ ଓ କେରଳର ୱାୟନାଡ଼ ଲୋକସଭା ଆସନ ଉପ ନିର୍ବାଚନ ପାଇଁ ଗତ ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଆସନ୍ତାକାଲି ସେଠାରେ ମତଗ୍ରହଣ କରାଯିବ। ସେଥିମଧ୍ୟରେ ରାଜସ୍ଥାନର ୭ଟି, ପଶ୍ଚିମବଙ୍ଗର ୬, ଆସାମର ୫, ବିହାରର ୪, କର୍ଣ୍ଣାଟକର ୩, ମଧ୍ୟପ୍ରଦେଶ ଏବଂ ସିକ୍କିମର ୨ଟି ଲେଖାଏଁ ଆସନ ରହିଛି। ଏହା ବ୍ୟତୀତ କେରଳ, ଛତିଶଗଡ଼, ଗୁଜୁରାଟ ଓ ମେଘାଳୟର ଗୋଟିଏ ଲେଖାଏଁ ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ।

ମହାରାଷ୍ଟ୍ରର ନାନ୍ଦେଡ଼ ସଂସଦୀୟ କ୍ଷେତ୍ର ସମେତ ୧୫ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୦ ତାରିଖରେ ମତ ନିଆଯିବ। ସେଥିମଧ୍ୟରେ ଉତ୍ତର ପ୍ରଦେଶର ୯, ପଞ୍ଜାବର ୪, କେରଳ ଏବଂ ଉତ୍ତରାଖଣ୍ଡର ଗୋଟିଏ ଲେଖାଏଁ ଆସନ ପାଇଁ ଭୋଟ୍‌ଗ୍ରହଣ କରାଯିବ। ଆସନ୍ତା ୨୩

ତାରିଖରେ ସମସ୍ତ ପର୍ଯ୍ୟାୟ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା କରାଯିବ।

## ପ୍ରଧାନ-ଏଜୁକେସନ୍ ଓ୍ୱାର୍କସପ୍

ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସଚିବଙ୍କ ସହ ଉଚ୍ଚ ଓ ବୈଷୟିକ ଶିକ୍ଷା ଉପରେ ଦୁଇ ଦିନିଆ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରିବେ। ଜାତୀୟ ଶିକ୍ଷା ନୀତି ୨୦୨୦କୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଆଭିମୁଖ୍ୟ ଏବଂ ପଦ୍ଧତି ତଥା ରଣନୀତିକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ।

ଏନ୍‌ଇପି ୨୦୨୦ର ପ୍ରଭାବଶାଳୀ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଜ୍ଞାନ ବିନିମୟକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତ ଅଂଶୀଦାରମାନଙ୍କୁ ଏକ ସାଧାରଣ ପ୍ଲାଟଫର୍ମ ପ୍ରଦାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏହି କର୍ମଶାଳା ରାଜ୍ୟ ଅନୁଷ୍ଠାନଗୁଡ଼ିକରେ ନୂଆ ଶିକ୍ଷାନୀତିକୁ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବ ସହ ସମଗ୍ର ଦେଶରେ ଅଧିକ ସୁଦୃଢ଼, ସମାବେଶୀ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିକ୍ଷା ବ୍ୟବସ୍ଥା ପାଇଁ ମାର୍ଗ ପ୍ରଶସ୍ତ କରିବ ।

ଏହି ଦୁଇ ଦିନିଆ କର୍ମଶାଳାରେ ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା, ଆହ୍ୱାନ ଏବଂ ରୋଡମ୍ୟାପ୍ ଭଳି ବିଷୟବସ୍ତୁ ଉପରେ ୧୪ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ। ଶିକ୍ଷାରେ ବୈଷୟିକ ଜ୍ଞାନକୌଶଳ, ଶିକ୍ଷା କ୍ଷେତ୍ରରେ ସହଯୋଗ, ଡିଜିଟାଲ ଶାସନ, ଦକ୍ଷତା ବିକାଶ ଏବଂ ନେତୃତ୍ୱ ଏବଂ ଉଚ୍ଚଶିକ୍ଷାରେ ଆର୍ଥିକ ସହାୟତା ଭଳି ପ୍ରସଙ୍ଗ ଉପରେ ଆଲୋଚନା କରାଯିବ । ଏଥିରେ ଶିକ୍ଷା ଓ ଉତ୍ତର-ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ମଧ୍ୟ ଉପସ୍ଥିତ ରହିବେ।

## ପ୍ରେଜ୍-ସିଜେଆଇ ଡିନର୍

ସୁପ୍ରିମ୍‌କୋର୍ଟର ନୂଆ ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ସ୍ୱାଗତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ରାତିରେ ନୂଆଦିଲ୍ଲୀରେ ଏକ ରାତ୍ରୀ ଭୋଜନର ଆୟୋଜନ କରିଥିଲେ। ଏହି ରାତ୍ରୀ ଭୋଜନରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କର, ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ସମେତ ସୁପ୍ରିମ୍ କୋର୍ଟର ବିଚାରପତି ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତିମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ନିର୍ମଳା ସୀତାରମଣ

କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ନୂଆଦିଲ୍ଲୀରେ ଏସୀୟ ଭିତ୍ତିଭୂମି ନିବେଶ ବ୍ୟାଙ୍କ ପ୍ରତିନିଧି ଦଳ ସହ ବୈଠକ କରିଥିଲେ। ଏହି ପ୍ରତିନିଧି ଦଳରେ ଏ.ଆଇ.ଆଇ.ବି.ର ୧୧ଜଣ ବୋର୍ଡ ନିର୍ଦ୍ଦେଶକ ଭାରତ ଗସ୍ତ କରିଛନ୍ତି।

ବିଗତ ୯ ବର୍ଷ ମଧ୍ୟରେ ଏ.ଆଇ.ଆଇ.ବି.ର ଉଲ୍ଲେଖନୀୟ ଅଭିବୃଦ୍ଧି ପାଇଁ ପ୍ରଶଂସା କରି ଅର୍ଥମନ୍ତ୍ରୀ ଭାରତର ଦୃଢ଼ ଅର୍ଥନୈତିକ ଭିତ୍ତିଭୂମି ଏବଂ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିର ଶକ୍ତି ସୃଷ୍ଟି ଏବଂ ଉପଯୋଗ କରିବାରେ ଏହାର ନେତୃତ୍ୱ ଉପରେ ଆଲୋଚନା କରିଥିଲେ ।

ଶ୍ରୀମତୀ ସୀତାରମଣ କହିଥିଲେ ଯେ ଏ.ଆଇ.ଆଇ.ବି. ଜଳବାୟୁ ଅନୁକୂଳ ଏବଂ ସ୍ଥିରତା, ଭିତ୍ତିଭୂମି ବିକାଶ, ଶକ୍ତି ନିରାପତ୍ତା, ସହରାଞ୍ଚଳ ବିକାଶ ଭଳି ଅଗ୍ରାଧିକାର କ୍ଷେତ୍ରରେ ଏହାର ପୁଞ୍ଜିନିବେଶକୁ ବ୍ୟାପକ କରିବା ଏବଂ ଭାରତର ପରବର୍ତ୍ତୀ ପିଢ଼ିର ସଂସ୍କାର ପାଇଁ ସମର୍ଥନ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ପ୍ରେଜ୍-ୟୁଟି ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନିଦିନିଆ କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ଓ ନଗର ହାବେଲି ଏବଂ ଦାମନ ଓ ଡିଉ ଗସ୍ତରେ ଯିବେ। ଗସ୍ତର ପ୍ରଥମ ଦିନରେ ରାଷ୍ଟ୍ରପତି ଜାମପୁରସ୍ଥିତ ଅଭିଆରୀ ସରକାରୀ ଇଞ୍ଜିନିୟରିଂ କଲେଜ ଏବଂ ଦାମନର ନିଫ୍ଟ କ୍ୟାମ୍ପସ ପରିଦର୍ଶନ କରିବେ। ଦ୍ୱିତୀୟ ଦିନରେ ସେ ସିଲଭାସାସ୍ଥିତ ନମୋ ମେଡିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ପରିଦର୍ଶନ କରିବେ ।

ଗସ୍ତ ସମୟରେ ରାଷ୍ଟ୍ରପତି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସହ ଆଲୋଚନା କରିବେ। ସେ ଜାଣ୍ଡା ଚୌକ ସ୍କୁଲର ଉଦ୍‌ଘାଟନ କରିବା ସହ ସିଲଭାସାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ । ଶ୍ରୀମତି ମୁର୍ମୁ ଡିଉ ସ୍ଥିତ ଆଇଏନ୍‌ଏସ୍ ଖୁକ୍ରି ସ୍ମାରକୀ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

## ଭିପି ପଞ୍ଜାବ ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଲୁଧିଆନାସ୍ଥିତ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବେ। ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି ପରିବର୍ତ୍ତନର ମୁକାବିଲାରେ କୃଷି ଖାଦ୍ୟ ପ୍ରଣାଳୀରେ ପରିବର୍ତ୍ତନ ପାଇଁ

ଅନ୍ତର୍ଜାତୀୟ ସମ୍ମିଳନୀ ୨୦୨୪ର ଉଦ୍‌ଘାଟନୀ ଉତ୍ସବରେ ସେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ପଞ୍ଜାବ ରାଜ୍ୟପାଳ ଗୁଲାବ ଚନ୍ଦ କଟାରିଆ ଏବଂ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ ମଧ୍ୟ ଏହି ସମ୍ମିଳନୀରେ ଯୋଗଦେବେ ।

ପରେ ଉପରାଷ୍ଟ୍ରପତି ସତ୍ତପଲ୍ ମିତ୍ତଲ ଜାତୀୟ ପୁରସ୍କାରର ୩୨ତମ ସଂସ୍କରଣରେ ସହରର ସତ୍ତପଲ୍ ମିତ୍ତଲ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ପିଏମ୍ ମରିସସ୍

ମରିସସ୍ ନିର୍ବାଚନରେ ଐତିହାସିକ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଡକ୍ଟର ନବୀନ ରାମଗୁଲାମଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଯେ, ସେ ଡକ୍ଟର ରାମଗୁଲାମଙ୍କ ସହ କଥା ହୋଇଛନ୍ତି ଏବଂ ମରିସସର ନେତୃତ୍ୱ ନେବାରେ ତାଙ୍କର ସଫଳତା କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଡଃ ରାମଗୁଲାମଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଥିବା ଜଣାପଡ଼ିଛି । ଉଭୟ ଦେଶ ମଧ୍ୟରେ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଆଗ୍ରହୀ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ବିକ୍ରମ ମିଶ୍ରି

କେନ୍ଦ୍ର ସରକାର ବୈଦେଶିକ ସଚିବ ବିକ୍ରମ ମିସ୍ରିଙ୍କ କାର୍ଯ୍ୟକାଳକୁ ୨୦୨୬ ଜୁଲାଇ ୧୪ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । କ୍ୟାବିନେଟ ନିଯୁକ୍ତି କମିଟି ଏହି ଅବଧି ବୃଦ୍ଧିକୁ ଅନୁମୋଦନ କରିଛନ୍ତି। ଶ୍ରୀ ମିସ୍ରି ଚଳିତ ବର୍ଷ ଜୁଲାଇ ୧୫ ତାରିଖରେ ବୈଦେଶିକ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଭାରତୀୟ ବୈଦେଶିକ ସେବାର ୧୯୮୯ ବ୍ୟାଚ୍‌ର ଅଧିକାରୀ ଭାବେ ଶ୍ରୀ ମିସ୍ରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ୟୁରୋପ, ଆଫ୍ରିକା, ଏସିଆ ଓ ଉତ୍ତର ଆମେରିକାରେ ଥିବା ଭାରତୀୟ ଦୂତାବାସଗୁଡ଼ିକରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି।

# ପିଏମ୍-ରୁଷ

ରୁଷିଆର ପ୍ରଥମ ଉପପ୍ରଧାନମନ୍ତ୍ରୀ ଡେନିସ୍ ମଣ୍ଟୁରୋଭ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଥିଲେ। ଆଲୋଚନା ସମୟରେ ଉଭୟ ନେତା ବାଣିଜ୍ୟ ଓ ଅର୍ଥନୈତିକ ସମ୍ପର୍କ, ଶକ୍ତି, ଯୋଗାଯୋଗ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ମତ ବିନିମୟ କରିଥିଲେ।

ଭାରତ-ରୁଷିଆ ସ୍ୱତନ୍ତ୍ର ଓ ଅଗ୍ରାଧିକାର ଭିତ୍ତିକ ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଉଭୟ ପକ୍ଷ କରିଥିବା ପ୍ରୟାସକୁ ଶ୍ରୀ ମୋଦୀ ପ୍ରଶଂସା କରିଥିଲେ। ରାଷ୍ଟ୍ରପତି ପୁତିନଙ୍କ ସହ ଆଲୋଚନା ଜାରି ରଖିବାକୁ ସେ ଆଗ୍ରହୀ ବୋଲି ଶ୍ରୀ ମୋଦୀ ପ୍ରକାଶ କରିଥିଲେ ।

## ମହିଳା ହକି

ମହିଳା ଏସୀୟ ହକି ଚାମ୍ପିୟନ୍ସ ଟ୍ରଫିରେ ଭାରତ ଆଜି ବିହାରର ରାଜଗିର ହକି ଷ୍ଟାଡିୟମରେ ୩ ଥରର ବିଜେତା ଦକ୍ଷିଣ କୋରିଆକୁ ଭେଟିବ।

ଗତକାଲି ଭାରତ ତା'ର ପ୍ରଥମ ମ୍ୟାଚରେ ମାଲେସିଆକୁ ୪-୦ ଗୋଲରେ ପରାସ୍ତ କରିଥିଲା। ମାଲେସିଆ ଦଳ ଯଥାସମ୍ଭବ ଚେଷ୍ଟା କରିଥିଲେ ମଧ୍ୟ ଭାରତର ଡିଫେନ୍ସ ଅତୁଟ ସାବ୍ୟସ୍ତ ହୋଇଥିଲା ଏବଂ ଏକାଧିକ ପେନାଲ୍ଟି କର୍ଣ୍ଣର ହରାଇବା ସତ୍ତ୍ୱେ ଭାରତୀୟ ଦଳ ସେଥିମଧ୍ୟରୁ ୩ଟିକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲା ।  ସଙ୍ଗୀତା କୁମାରୀଙ୍କ ଚମତ୍କାର ଶେଷ ଗୋଲ୍ ଡିଫେଣ୍ଡିଂ ଚାମ୍ପିୟନ୍ ପାଇଁ ବିଜୟ ସୁନିଶ୍ଚିତ କରିଥିଲା।

ଉଦ୍‌ଘାଟନୀ ମ୍ୟାଚ୍‌ରେ ଜାପାନ ଓ ଦକ୍ଷିଣ କୋରିଆ ୨-୨ ଗୋଲ୍‌ରେ ଡ୍ର' ରହିଥିଲା। ଜାପାନ ପକ୍ଷରୁ ମାହୋ ଉଏନୋ ଓ ସାକି ତାନାକା ଗୋଲ୍ ଦେଇଥିବା ବେଳେ କୋରିଆ ପକ୍ଷରୁ ମିହୟାଙ୍ଗ ପାର୍କ ଓ ୟୁଜିନ୍ ଲି ଗୋଲ୍ ଦେଇଥିଲେ।

ଦ୍ୱିତୀୟ ମ୍ୟାଚ୍‌ରେ ଚୀନ୍ ୧୫-୦ ଗୋଲ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଥିଲା। ଶେଷ ଦୁଇ କ୍ୱାର୍ଟରରେ ୧୦ ଗୋଲ୍ ସ୍କୋର କରି ଚୀନ୍ ପ୍ରଭାବଶାଳୀ ରହିଥିଲା।

# ଟେନିସ୍

ଟେନିସରେ ରୋହନ ବୋପାନ୍ନା ଓ ମାଥ୍ୟୁ ଏବ୍‌ଡେନ ଏଟିପି ଫାଇନାଲ୨୦୨୪ର ପ୍ରଥମ ମ୍ୟାଚରେ ବିଫଳ ହୋଇଛନ୍ତି। ସେଣ୍ଟର କୋର୍ଟରେ ଚାଲିଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ-ଅଷ୍ଟ୍ରେଲିଆ ଯୋଡ଼ି ଇଟାଲୀର ସିମୋନ ବୋଲେଲି ଓ ଆଣ୍ଡ୍ରିଆ ଭାଭାସୋରିଙ୍କ ଯୋଡ଼ିଠାରୁ ସିଧାସଳଖ ସେଟ୍‌ରେ ପରାସ୍ତ ହୋଇଥିଲେ।

ଗ୍ରୁପ୍ ପର୍ଯ୍ୟାୟର ଦ୍ୱିତୀୟ ମୁକାବିଲାରେ ବୋପାନ୍ନା ଓ ଏବ୍‌ଡେନ୍ ଆସନ୍ତାକାଲି ଶୀର୍ଷ ମାନ୍ୟତାପ୍ରାପ୍ତ ଏଲ୍. ସାଲଭାଡୋରର ମାର୍ସେଲୋ ଆରେଭାଲୋ ଓ କ୍ରୋଏସିଆର ମାଟେ ପାଭିକ୍‌ଙ୍କୁ ଭେଟିବେ। ଗ୍ରୁପ୍

ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ବୋପାନ୍ନା ଓ ଏବ୍‌ଡେନ୍ ଆସନ୍ତାକାଲି ଜର୍ମାନ ଯୋଡ଼ି କେଭିନ୍ କ୍ରେଜ୍ ଓ ଟିମ୍ ପୁଜ୍‌ଙ୍କ ସହ ମୁହାଁମୁହିଁ ହେବେ।

ରାଉଣ୍ଡ ରବିନ୍ ଫର୍ମାଟରେ ପ୍ରତ୍ୟେକ ଖେଳାଳି କିମ୍ବା ଦଳ ନିଜ ଗ୍ରୁପ୍‌ରେ ଥିବା ଅନ୍ୟ ସମସ୍ତ ଖେଳାଳି କିମ୍ବା ଦଳ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଗ୍ରୁପ୍ ପର୍ଯ୍ୟାୟ ପରେ ପ୍ରତ୍ୟେକ ଗ୍ରୁପର ଶ୍ରେଷ୍ଠ ଦୁଇ ଖେଳାଳି କିମ୍ବା ଦଳ ସେମିଫାଇନାଲରେ ପ୍ରବେଶ କରିବେ।